# UTKAL SEVAK SAMAJ

Education Empowerment Action



ପରି ଏକ ସମସ୍ୟାର ମୁକାବିଲା ପାଇଁ ଗ୍ରାମବାସୀଙ୍କ ଏକତା ଓ ସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏକା ସାଙ୍ଗରେ ଖାଇଲେ ବା ଏକା ଶଯ୍ୟା ଶୋଇଲେ ଏଚ୍.ଆଇ.ଭି ହେବ କି ନାହିଁ ବୋଲି ଗ୍ରାମବାସୀ ମାନଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଉତ୍କଳ ସେବକ ସମାଜ ର ଲିଙ୍କ ୱାର୍କର ମିନ୍ ପ୍ରକାଶର ପ୍ରଜନନ ଅଧିକାରୀ ଡାକ୍ତର ଗୀତା ସାହୁ ଏଚ୍.ଆଇ.ଭି କିପରି ବ୍ୟାପେ ଓ କିପରି ବ୍ୟାପେ ନାହିଁ ବୋଲି ବୁଝାଇଥିଲେ । ସଭା ଶେଷରେ ଏଚ୍.ଆଇ.ଭି ବ୍ୟାଧି ଯାଞ୍ଚ ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା ହେବା ପରେ ସ୍ଥାନୀୟ ପି.ଏଚ୍.ସି ର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଜୀବାଣୁ / ଭୂତାଣୁ / ବ୍ୟାକ୍ଟେରିଆ / ସଂକ୍ରମଣ ର ପ୍ରକାର ଭେଦ ଓ ରୋଗର ସୃଷ୍ଟିରେ ଏମାନଙ୍କର ଭୂମିକା ଉପରେ ବୁଝାଇ କହିଥିଲେ । ଶ୍ରୀମତୀ ଅନୀତା ରୂପଣ ସ୍ପଷ୍ଟ କରିଲେ ଯେ ଏହି ଭୂତାଣୁ ମଣିଷ ଶରୀରରେ ବଢ଼େ । ମଣିଷ ଶରୀର ବାହାରକୁ ଆସିଲେ ସାଙ୍ଗେ ସାଙ୍ଗେ ମରିଯାଏ ଏଚ୍.ଆଇ.ଭି ଭୂତାଣୁ । ପ୍ରତ୍ୟେକ ଗର୍ଭବତୀ ମହିଳା ଗର୍ଭ ହେବାର ପ୍ରଥମ ତିନି ମାସରେ ଏବଂ ଆଠ କିମ୍ବା ନଅ ମାସରେ ଏଚ୍.ଆଇ.ଭି ପରୀକ୍ଷା କରିବାର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା ଏ ସମୟରେ ଆଶା ଓ ଅଙ୍ଗନୱାଡ଼ି କର୍ମୀ ମାନଙ୍କ ଦାୟିତ୍ୱ ଉପରେ ଆଲୋଚନା କରାଯାଇ ଲୋକ ମାନଙ୍କ ସଚେତନତା ଆଣି ସେମାନଙ୍କ ସେବାକୁ ଉପଯୋଗ କରିବା ନିମନ୍ତେ କହାଯାଇ ଥିଲା । ଆଠଗଡ଼ ସବ୍‌ଡିଭିଜନ୍ ହସ୍ପିଟାଲର ଆଇ.ସି.ଟି.ସି କାଉନ୍‌ସିଲର ଗୀତାଞ୍ଜଳି ନାୟକ ପ୍ରତ୍ୟେକ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ କି ଯେତେବେଳେ ଯାହା ମନରେ ଯାହା ପ୍ରଶ୍ନ ଉଠୁଚି ସେମାନେ ଯାଇ ତାଙ୍କ ପାଖରେ ପଚାରିଲେ ସେ ତାଙ୍କୁ ତାଙ୍କ ପ୍ରଶ୍ନର ଉତ୍ତର ବୁଝାଇ ଦେବେ । ଘଟଣା ସ୍ଥଳରେ ସମସ୍ତଙ୍କ ସହିତ ଆଲୋଚନା ପରେ ଏଚ୍.ଆଇ.ଭି ସଂକ୍ରମିତ ଲୋକଙ୍କୁ ଗ୍ରାମବାସୀ ମାନେ ସାଦରେ